# REGIONAL NEWS UNIT, AIR CUTTACK

## Mid-day Bulletin (4.20PM)

**12 May - 2025**

***********************************

## ମୁଖ୍ୟ ସମ୍ବାଦ

- ଯେକୌଣସି ପରିସ୍ଥିତିରେ ମୁକାବିଲା ପାଇଁ ଭାରତୀୟ ସେନା ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ; କହିଲେ ବାୟୁସେନା ମହାନିର୍ଦ୍ଦେଶକ

– ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଅପ୍ରୀତିକର ପରିସ୍ଥିତିକୁ ନେଇ ଡିଜିଏମ୍‌ଓଙ୍କ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

- ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ

- ଶିକ୍ଷା ଓ ଚେତନା ଦ୍ୱାରା ପଣ୍ଡିତ ରଘୁନାଥ ମୁର୍ମୁ ସମାଜରେ ପରିବର୍ତ୍ତନ ଆଣି ପାରିଥିଲେ; କହିଲେ ମୁଖ୍ୟମନ୍ତ୍ରୀ

– ରାଇରଙ୍ଗପୁରଠାରେ ଅଲିଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳିତ

ଏବଂ

- ଭଗବାନ ବୁଦ୍ଧଙ୍କ ଜନ୍ମ ଏବଂ ନିର୍ବାଣ ଦିବସ ଅବସରରେ ଆଜି ପାଳନ କରାଯାଉଛି ବୁଦ୍ଧ ପୂର୍ଣ୍ଣିମା

*Desk*

# ଡିଜିଏମ୍‌ଓ ସମ୍ମିଳନୀ

ଭାରତ–ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ସାମ୍ପ୍ରତିକ ପରିସ୍ଥିତିକୁ ନେଇ ତିନିସେନାର ସାମରିକ ଅଭିଯାନ ମହାନିର୍ଦ୍ଦେଶକ– ଡିଜିଏମ୍‌ଓ'ଙ୍କ ସାମ୍ବାଦିକ ସମ୍ମିଳନୀ ଆଜି ଦ୍ୱିତୀୟଥର ପାଇଁ ଅନୁଷ୍ଠିତ ହୋଇଛି। ଅପରେସନ୍ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ବାୟୁସେନାର ମହାନିର୍ଦ୍ଦେଶକ ଏୟାର ମାର୍ଶଲ ଏ.କେ.ଭାରତୀ କହିଛନ୍ତି, ଆମର ଯୁଦ୍ଧ ପାକିସ୍ତାନ ବିରୁଦ୍ଧରେ ନୁହେଁ, ବରଂ ଆମର ଅଭିଯାନ ଆତଙ୍କବାଦ ବିରୁଦ୍ଧରେ ଜାରି ରହିଛି। ହେଲେ ପାକିସ୍ତାନ ସେନା ଆତଙ୍କବାଦୀଙ୍କୁ ସହଯୋଗ କରିବା ସହ ଭାରତୀୟ ସେନା ସହ ଲଢ଼େଇରେ ଆଗକୁ ଆସିଥିଲେ।

**- V/O -**

ଭାରତର ସ୍ୱଦେଶୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ଆକାଶ ସିଷ୍ଟମ ଚମତ୍କାର ପ୍ରଦର୍ଶନ କରି ପାକିସ୍ତାନ ବିରୁଦ୍ଧରେ ଲଢ଼େଇରେ ଆମକୁ ସଫଳତା ଦେଇଛି। ଗତ ଦଶନ୍ଧିରେ ପ୍ରତିରକ୍ଷା ବିଭାଗ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଜେଟ୍ ଏବଂ ନୀତିଗତ ସମର୍ଥନ ପାଇଁ ବର୍ତ୍ତମାନ ପରିସ୍ଥିତିର ସାମ୍ନା କରିବାକୁ ଭାରତୀୟ ସେନା ସଫଳ ହୋଇଛି। ପାକିସ୍ତାନ ପକ୍ଷରୁ ନିୟୋଜିତ ଏକାଧିକ ଡ୍ରୋନ୍ ଏବଂ ମାନବ ବିହୀନ ଯୁଦ୍ଧ

ବିମାନଗୁଡ଼ିକୁ ଭାରତର ସ୍ୱଦେଶ ନିର୍ମିତ ପ୍ରତିରକ୍ଷା କୌଶଳ ଦ୍ୱାରା ନିଷ୍କ୍ରିୟ କରାଯାଇଥିବା ଏୟାର ମାର୍ଶଲ ଏ.କେ.ଭାରତୀ କହିଛନ୍ତି।

ସମ୍ମିଳନୀରେ ସ୍ଥଳ ସେନା ଡିଜିଏମ୍‌ଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି, ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ପାକିସ୍ତାନ ସେନା ଭେଦ କରିପାରିବ ନାହିଁ। ଭାରତୀୟ ସେନା ନିକଟରେ ଚତୁଃସ୍ତରୀୟ ସୁରକ୍ଷା କବଚ ରହିଥିବାରୁ ପାକିସ୍ତାନ ସେନା ଆମର କୌଣସି କ୍ଷତି ପହଁଞ୍ଚାଇପାରି ନାହିଁ। ଗତ କିଛି ବର୍ଷ ମଧ୍ୟରେ ଆତଙ୍କବାଦ କାର୍ଯ୍ୟକଳାପଶୈଳୀରେ ପରିବର୍ତ୍ତନ ଆସିଛି। ସେମାନେ ସାଧାରଣ ନାଗରିକଙ୍କୁ ଲକ୍ଷ୍ୟ କରି କ୍ଷତି ପହଁଞ୍ଚାଉଥିବା ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି।

**- V/O -**

ପାକିସ୍ତାନ ସେନା ଚୀନ୍ ନିର୍ମିତ କ୍ଷେପଣାସ୍ତ୍ରର ବ୍ୟବହାର କରିଛି। କ୍ଷେପଣାସ୍ତ୍ରର ଭଗ୍ନାବଶେଷ ସମ୍ପର୍କରେ ସମ୍ମିଳନୀରେ ଏୟାର ମାର୍ଶଲ ଏ.କେ.ଭାରତୀ ସୂଚନା ଦେଇଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା କରିବା ପାଇଁ ତିନି ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆଗାମୀ ଦିନରେ ଯଦି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ ତେବେ ଏହା ସମ୍ପୂର୍ଣ୍ଣ ଭିନ୍ନଭାବରେ ଏବଂ ସମସ୍ତ ପ୍ରକାର ରଣକୌଶଳକୁ ବ୍ୟବହାର କରି କରାଯିବ ବୋଲି ସମ୍ମିଳନୀରେ ସେନା ପକ୍ଷରୁ ସୂଚନା ଦିଆଯାଇଛି।

ଉଭୟପକ୍ଷର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଜି ଅସ୍ତ୍ରବିରତି ବୁଝାମଣା ଏବଂ ଏହାର ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

***Desk***

## ପ୍ରଧାନମନ୍ତ୍ରୀ- ଉଚ୍ଚସ୍ତରୀୟ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତ ଓ ପାକିସ୍ତାନର ସୀମାନ୍ତରେ ଶାନ୍ତି ବଜାୟ ରଖିବା ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ସିଡିଏସ୍ ଅନୀଲ ଚୌହ୍ୱାନ ଏବଂ ତିନିସେନାର ମୁଖ୍ୟ ବୈଠକରେ ଉପସ୍ଥିତ ଥିଲେ।

***CTC***

## ବିଚାରପତିଙ୍କ ଶପଥ ଗ୍ରହଣ

ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଭାବେ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆଜି ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିସ ଟଣ୍ଡନ ଉଚ୍ଚନ୍ୟାୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଶପଥପାଠ ଉତ୍ସବରେ ଉଚ୍ଚନ୍ୟାୟାଳୟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ ସୁରେଶ

ପୂଜାରୀ, ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ସହ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଜଷ୍ଟିସ ଡି.କେ ଶ୍ରୀପଦଙ୍କୁ ମିଶାଇ ଉଚ୍ଚନ୍ୟାୟାଳୟରେ ବିଚାରପତିଙ୍କ ସଂଖ୍ୟା ୧୯ରେ ପହଁଞ୍ଚିଛି।

***Desk***

# ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ

ସାନ୍ତାଳୀ ଭାଷା ଅଲ୍‌ଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମବାର୍ଷିକୀ ଆଜି ପାଳନ କରାଯାଉଛି । ସାନ୍ତାଳି ଭାଷାର ଲିପି ଅଲିଚିକିରେ ସୃଷ୍ଟି କରି ପଣ୍ଡିତ ରଘୁନାଥ ମୁର୍ମୁ ଦେଶ ଓ ବିଦେଶରେ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଛନ୍ତି।

ଶିକ୍ଷା ଓ ଚେତନା ଦ୍ୱାରା ପଣ୍ଡିତ ରଘୁନାଥ ମୁର୍ମୁ ସମାଜରେ ଶୋଷଣ ବିରୁଦ୍ଧରେ ଶକ୍ତିଶାଳୀ ଆହ୍ୱାନ ସୃଷ୍ଟି କରିପାରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଇରଙ୍ଗପୁରର ମହୁଲଡିହାଠାରେ ଅଲିଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଅଲିଚିକି ଲିପିର ୧୦୦ ବର୍ଷ ପାଳନ ଉତ୍ସବ ଏକ ଜନଜାତିର ଭାଷା, ସଂସ୍କୃତି ଓ ମୁକ୍ତ ଅଭିଯାନର ପରିଚୟ। ପଣ୍ଡି ମୁର୍ମୁଙ୍କ ଗଦ୍ୟ, ପଦ୍ୟ, ସାହିତ୍ୟ, ନାଟକ, ପାଠ୍ୟପୁସ୍ତକ ଓ ଲୋକସାହିତ୍ୟ ଆଦି ସଂସ୍କୃତିର

ମୂଳସୂତ୍ର ସହ ଆମକୁ ବାନ୍ଧି ରଖିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସାନ୍ତାଳୀ ଭାଷାକୁ ନୂଆ ପରିଚୟ ଦେବା ସହିତ ଯୁବପିଢ଼ିଙ୍କ ମଧ୍ୟରେ ଏହାର ସୁରକ୍ଷା, ସଂରକ୍ଷଣ ଏବଂ ନୂତନ ଭାଷା ଉଭାବନ ପାଇଁ ପ୍ରେରଣା ଯୋଗାଉଛି ବୋଲି ଶ୍ରୀ ମାଝୀ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି ।

**- V/O -**

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

## ଭୀମଭୋଇ ଜୟନ୍ତୀ

ସନ୍ଥକବି ଭୀମଭୋଇଙ୍କର ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି । ସୁବର୍ଣ୍ଣପୁର ଜିଲ୍ଲା ତାଙ୍କ ଜନ୍ମସ୍ଥଳୀ ଜଟେସିଂହା ସମେତ ଖଲିଆପାଲି ସମାଧିପୀଠରେ ଶୂନ୍ୟ ସ୍ୱରୂପ ଏବଂ ଭୀମଭୋଇ ସ୍ମୃତି ସଂସଦ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରାଯାଇ କବିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସେହିପରି ଖଲିଆପାଲି ଗାଁର ସମାଧି ପୀଠରେ ମହିମା ଧର୍ମାବଲମ୍ବୀ ମାନେ ଏବଂ ମଠର ଅନ୍ତେବାସୀ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ବ୍ରହ୍ମପୂଜନ ସହ ଶୂନ୍ୟ ଶରଣ ମାନ୍ୟ କରି କବି ଭୀମଭୋଇଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି ।

*BHK/Desk*

# ବୁଦ୍ଧ ଜୟନ୍ତୀ

ସତ୍ୟ ଏବଂ ଅହିଂସାର ପଥ ପ୍ରଦର୍ଶକ ଭଗବାନ ବୁଦ୍ଧଙ୍କର ଜୟନ୍ତୀ ଆଜି ସାରା ବିଶ୍ୱରେ ପାଳନ କରାଯାଉଛି । ଭଗବାନ ବୁଦ୍ଧ ଆଜିର ଦିନରେ ବୌଦ୍ଧ-ଗୟାଠାରେ ମହାବୌଧି଼ ଗଛ ମୂଳରେ ନିର୍ବାଣ ପ୍ରାପ୍ତ କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି ଭଗବାନ ବୁଦ୍ଧଙ୍କର ଅଷ୍ଟମାର୍ଗ ଲୋକଙ୍କୁ ଦୟା ଓ ଅହିଂସାର ବାଟ ଦେଖାଉଛି । ଭଗବାନ ବୁଦ୍ଧଙ୍କ ନୀତି, ଆଦର୍ଶ ଓ ମାର୍ଗ ଅନୁସରଣ କରିବା ଦ୍ୱାରା ମାନବଜାତି ଶାନ୍ତି, ସଂପ୍ରିତୀ ଓ ସମୃଦ୍ଧି ଲାଭ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବୁଦ୍ଧଙ୍କ ପ୍ରଦର୍ଶିତ ସତ୍ୟ, ସମାନତା, ଶାନ୍ତି, ମାନବତାର ମାର୍ଗଦର୍ଶକ ହୋଇଆସିଛି। ଯାହା ବିଶ୍ୱ ସମ୍ପ୍ରଦାୟକୁ କରୁଣା ଏବଂ ଶାନ୍ତି ଦିଗରେ ପ୍ରେରଣା ପ୍ରଦାନ କରୁଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଦ୍ଧ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ବୁଦ୍ଧଙ୍କ ପ୍ରଦର୍ଶିତ ସତ୍ୟ, ଶାନ୍ତି ଓ ଅହିଂସାର ମାର୍ଗ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହ ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି ଭରି ଦେଉ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଜିର ଦିନ କେବଳ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ପ୍ରାପ୍ତି ଓ ମହାପରିନିର୍ବାଣର ସ୍ମରଣ ଦିବସ ନୁହେଁ ଏହା ମନୁଷ୍ୟକୁ ଜୀବନର ସତ୍ୟ, ଅହିଂସା ଓ କରୁଣାର ପଥକୁ ଅନୁସରଣ କରିବାକୁ ପ୍ରେରଣା ପ୍ରଦାନ କରିଥାଏ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କାମନା କରିଛନ୍ତି।

ଭଦ୍ରକ ଜିଲ୍ଲା ବୁଦ୍ଧବିହାରଠାରେ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ଓ ନିର୍ବାଣ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବୁଦ୍ଧଙ୍କ ନୀତି, ଆଦର୍ଶ ଓ ମାନବଜାତି ପ୍ରତି ଥିବା ଅବଦାନ ଉପରେ ସ୍ମୃତିଚାରଣ କରିଥିଲେ।

***Desk***

# ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ  ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଇଙ୍ଗଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସି ଦିବସ ବା ସେବିକା ଦିବସ ଭାବେ ପାଳନ

କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି ‘ସେବିକାମାନେ ଆମର ଭବିଷ୍ୟତ ଏବଂ ସେବିକା ମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହେବ’ । ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସରେ ନର୍ସମାନେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ନୀରବ ଯୋଦ୍ଧା ବୋଲି କହିଛନ୍ତି। ପ୍ରତ୍ୟେକ ଦିନ ସେମାନେ କରୁଣା, ଶକ୍ତି ଏବଂ ସମର୍ପଣ ଭାବ ସହିତ ସେବା କରି ଆସୁଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନ୍ତର୍ଜାତିକ ନର୍ସ ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସମାନଙ୍କ ଅମୂଲ୍ୟ ଅବଦାନ ରହିଛି। ସେମାନଙ୍କର ଯତ୍ନ, ଦୟା ଓ ଉତ୍ସର୍ଗ ସର୍ବଦା ପ୍ରଶଂସନୀୟ।

***BBSR/R***

## ମୋହନ ଭାଗବତ ଓଡ଼ିଶା ଗସ୍ତ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ଆଜିଠାରୁ ଚାରିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆଜି ସନ୍ଧ୍ୟାରେ କଟକ ଗତିରାଉତପାଟଣାସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଆୟୋଜିତ

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଶ୍ରୀ ଭାଗବତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।